

ପ୍ରାଚୁର୍ଯ୍ୟରେ ଥିଲାବେଳେ ହିଁ ଜଣାପଡ଼ିବ ଲୋକଟି କିଭଳି ଖରାପ।
–ଜନ୍ କାସ୍ପର୍ ଲାଭାଟର



## ସଂକ୍ଷେପରେ



### ଏସ୍ଭିଏମ୍, ଡିପିଏସ୍ରେ ଏନ୍ସିସି ଦିବସ

**ଦାମନଯୋଡି, ୨୬।୧୧(ଡି.ଏନ୍.ଏ.):** ନାଲକୋ ଟାଉନସିପ ସରସ୍ୱତୀ ବିଦ୍ୟାମନ୍ଦିର (ଏସ୍ଭିଏମ୍)ରେ ଏନସିସି ଦିବସ ପାଳିତ ହୋଇଯାଇଛି। କ୍ୟାଡେଟମାନେ ପରେଡ କରିବା ସହ ବିଦ୍ୟାଳୟ ଓ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଶପଥ ନେଇ ଏହାକୁ ସଫା କରିଥିଲେ। ଏନ୍ସିସି ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ କରାଯାଇଥିଲା। ସେହିପରି ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ରେ କ୍ୟାଡେଟମାନେ ଡ୍ରଗ ଓ କ୍ୟାନସର ରୋଗ ବିରୋଧରେ ସଚେତନତା ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। କ୍ୟାଡେଟମାନେ ମଧ୍ୟ ବୃକ୍ଷରୋପଣ କରିଥିଲେ। ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ତତ୍ତ୍ୱାବଧାନ ଓ ଏନସିସି ସେକେଣ୍ଡ ଅଫିସର ଅନିଲ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### କୃଷି, କୃଷକଙ୍କୁ ନେଇ ଆଲୋଚନାଚକ୍ର

**କୋରାପୁଟ,୨୬।୧୧(ସ୍ୱ.ପ୍ର.):** କୃଷକର ଆୟ ଦ୍ୱିଗୁଣିତ ହେବା ପାଇଁ କୃଷକ ଓ କୃଷିସ୍ତରରେ କାମ କରୁଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନକୁ ନେଇ କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ଦୁଇଦିନ ଧରି ଚାଲିଥିବା ଆଲୋଚନାଚକ୍ର ରବିବାର ଉଦ୍ଯାପିତ ହୋଇଛି। ଏଥିରେ ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା, ଅଗ୍ରଗାମୀର ନିର୍ଦ୍ଦେଶକ ଅଚ୍ୟୁତ ଦାସ କହିଥିଲେ ଯେ, ଓଡ଼ିଶା ମାଟିର କ୍ଷାରୀୟ ସମସ୍ୟା ଜୈବିକ ପଦ୍ଧତି ଦ୍ୱାରା ସମାଧାନ ହୋଇପାରିବ। କୋର୍ଟସର ପ୍ରାଧାପକ ଜଗବନ୍ଧୁ ସାମଲ କହିଥିଲେ, ଆମେ ଜମିକୁ ବଞ୍ଚାଇଲେ ଜମି ଆମକୁ ବଞ୍ଚାଇବ। କିନ୍ତୁ ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଜମି ଓ ମାଟିର ଯଥେଷ୍ଟ କ୍ଷତି ହେଉଛି। ଆଲୋଚନାଚକ୍ରରେ ଜମି ଜଳ, ଜଙ୍ଗଲର ବ୍ୟବହାରରେ ଅସମାନତା, ବିହନ ସମସ୍ୟା, ରାସାୟନିକ ସାର ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ଓ ପରିବେଶ ସମସ୍ୟା, କୃଷକଙ୍କୁ ଫସଲର ସର୍ବନିମ୍ନ ମୂଲ୍ୟ ନ ମିଳିବା, ଅଭାବି ବିକ୍ରି, ଫସଲର ସଠିକ୍ ପ୍ରକ୍ରିୟାକରଣ ନ ହେବା, ଏହାର ବଜାରିକରଣ, ଶୀତଳ ଭଣ୍ଡାର ବ୍ୟବସ୍ଥା, ଗଭୀର ନଳକୂପ ଓ ଜଳସେଚନ ପ୍ରକଳ୍ପ ବାବଦରେ ଆଲୋକପାତ କରାଯାଇଥିଲା। ଏଥିରେ ଅବିଭକ୍ତ କୋରାପୁଟ ଜିଲା ସମେତ ୧୫ଟି ଜିଲାର କୃଷକ ଯୋଗ ଦେଇଥିଲେ।

### ଏନ୍ଆଇଓଏସ୍ ର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶେଷ

**ବୈପାରୀଗୁଡା, ୨୬।୧୧(ଡି.ଏନ୍.ଏ.):** ବୈପାରୀଗୁଡା ଶହୀଦ ଲକ୍ଷ୍ମଣ ନାୟକ କନିଷ୍ଠ ମହାବିଦ୍ୟାଳୟରେ ଅଣତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦିଆଯାଉଥିବା ଡିଇଏଲ୍ଇଡି-ଏନ୍ଆଇଓଏସ୍ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶେଷ ହୋଇଛି। ଅଧାପକ ପ୍ରତାପଚନ୍ଦ୍ର ପ୍ରଧାନ, ଅଧାପିକା ସୁଭଦ୍ରା ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ ଦୁର୍ଗା ପ୍ରସାଦ ମହାନ୍ତି ଏବଂ ଶିକ୍ଷକ ବି. ନଳିନ କୁମାର ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧକ୍ଷ ତଥା କାର୍ଯ୍ୟକ୍ରମ ସଂଯୋଜକ କୁମୁଦ ରଞ୍ଜନ ମହାରଣାଙ୍କ ତତ୍ତ୍ୱାବଧାନରେ ତାଲମ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଏକମ୍ବାରେ ବିଶ୍ୱକପ୍ ହକି ପାଇଁ ଗଣଦୌଡ଼

**ଜୟପୁର,୨୬।୧୧(ଡି.ଏନ.ଏ./ନି.ପ୍ର.):** ଜୟପୁର ବ୍ଲକ ଏକମ୍ବା ପଞ୍ଚାୟତରେ ବିଶ୍ୱ ହକି କପ୍ ପାଇଁ ମିନି ମାରାଥନ ଆୟୋଜିତ ହୋଇଛି। ଏଥିରେ ଅତିଥି ଭାବେ ଜିଲା ମିଲ ମାଲିକ ସଂଘ ସଭାପତି ରାମନାଥ ପାଣିଗ୍ରାହୀ, ସରପଞ୍ଚ ଟୁନା ମୁଦୁଲି, ବିଜୁ ଯୁବ ବାହିନୀ ବ୍ଲକ ସଭାପତି ସୁଶାନ୍ତ ଦଣ୍ଡସେନା ଯୋଗ ଦେଇଥିଲେ। ଦୌଡ଼ରେ ବିଦ୍ୟାଳୟର ଛାତ୍ରମାନେ ଭାଗ ନେଇଥିବା ବେଳେ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକମ୍ବା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ ମିନି ମାରାଥନ ପରିଚାଳନା କରିଥିଲେ। ଏହି ରେଶରେ ୩୭ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ।

# ୮ ମାଏ କୋଲାବରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ



■ ୧୮ ବଦଳରେ ୧୨ ଘଣ୍ଟା ଚାଲିବ ମୋଟର

■ ୬ ବଦଳରେ ୪ ଘଣ୍ଟା ଜଳ ପାଇବେ ସହରବାସୀ

**ଜୟପୁର,୨୬।୧୧(ଡି.ଏନ.ଏ )**

କୋରାପୁଟ ଜିଲା କୋଲାବ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଆବଶ୍ୟକ ମରାମତି କାମ ପାଇଁ ଭଲବ ହାଉସ୍ ଏବଂ ଟର୍ବାଇନ୍ ଘୂରାଇବା ନିମନ୍ତେ ଜଳ ଭଣ୍ଡାରରୁ ଜଳ ଯୋଗାଣ ବନ୍ଦ କରାଯାଇଛି। ଏଥିପାଇଁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୨ଦିନ ଧରି ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବ। ରବିବାର ବିଦ୍ୟୁତ୍ ଉତ୍ପାଦନ ପରେ ବଳକା ଜଳ ରହୁଥିବା ସତୀଗୁଡ଼ା ଡ୍ୟାମରୁ ଜଳ ନିଷ୍କାସନ କରାଯାଇଥିଲା। ଜଳ ଲିକ୍ ହେଉଥିବା ମୁଖ୍ୟ କେନାଲର ଫାଟକ ମରାମତି କରାଯାଇଥିଲା । ତେଣୁ ସତୀଗୁଡା ଡ୍ୟାମରୁ ଜୟପୁର ସହରକୁ ପିଇବା ନିମନ୍ତେ ପାଇପ ମାଧ୍ୟମରେ ଯୋଗାଣ ହେଉଥିବା ପାନୀୟଜଳ ବନ୍ଦ କରାଯାଇଥିଲା । ସୋମବାର ପୂର୍ବାହ୍ନରେ ଦେଢ ଘଣ୍ଟା ବିଦ୍ୟୁତ୍ ଯୋଗାଣ କରାଯାଇଥିବା ବେଳେ ଅପରାହ୍ନରେ ପୁଣି ବିଦ୍ୟୁତ୍ ଉତ୍ପାଦନ କରାଯାଇ ବଳକା ଜଳକୁ ସତୀଗୁଡା ଡ୍ୟାମ୍ରେ ଗଚ୍ଛିତ ରଖାଯାଇଛି।

କିନ୍ତୁ କେନାଲ ଗେଟ୍ ମରାମତି ପରେ ଜଳ ଲିକ୍ ହେବା ପ୍ରାୟ ୭୦ ପ୍ରତିଶତ ବନ୍ଦ ହୋଇଯାଇଛି । ସେହିପରି ବିଦ୍ୟୁତ୍ ଉତ୍ପାଦନ ବନ୍ଦ ହେଲେ ସୁଦ୍ଧା ଜଳ ଗଚ୍ଛିତ ହୋଇଥିବା ଯୋଗୁଁ ଆସନ୍ତା ୨୦ରୁ ୨୨ ଦିନ ନିମନ୍ତେ ସହରକୁ ପିଇବାଜଳ ଯୋଗାଣରେ କୌଣସି ସମସ୍ୟା ହେବ ନାହିଁ । ଜୟପୁର ସହରକୁ ଦୈନିକ ୧୪ ନିୟୁତ ଲିଟର ଜଳ ଆବଶ୍ୟକ। ଏଥିପାଇଁ ଦୈନିକ ୧୮ ଘଣ୍ଟା ବଦଳରେ ୧୨ ଘଣ୍ଟା ପାଣି ମୋଟର ଲଗାଯିବ । ସେହିପରି ୬ଘଣ୍ଟା ବଦଳରେ ୩ରୁ ୪ ଘଣ୍ଟା ସହରର ବିଭିନ୍ନ ଅଞ୍ଚଳକୁ ଜଳ ଯୋଗାଣ ହୋଇପାରିବ । ସହରକୁ ଜଳଯୋଗାଣରେ କୌଣସି ସମସ୍ୟା ହେବ ନାହିଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଚିରଞ୍ଜୀବ ମାହାଲି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଖରିଫ ଧାନ ଫସଲ ଅମଳ ନେଇ ଧାନକଟା ଆରମ୍ଭ ହୋଇଯାଇଥିବା ଯୋଗୁଁ ଆସନ୍ତା ରବିଧାନ ପୂର୍ବରୁ ମରାମତି କାର୍ଯ୍ୟ ଶେଷ ହେବା ପରେ କେନାଲ ମାଧ୍ୟମରେ ଡିସେମ୍ବର ତୃତୀୟ କିମ୍ବା ଶେଷ ସପ୍ତାହରେ ପାଣି ଚାଷଜମିକୁ ଛଡ଼ାଯିବ ବୋଲି କୋଲାବ ଇରିଗେଶନ ବିଭାଗର ସହକାରୀ ଯନ୍ତ୍ରୀ ରଜନୀକାନ୍ତ ମିଶ୍ର ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଦୀର୍ଘ ୧୨ବର୍ଷରୁ ଊର୍ଦ୍ଧ୍ୱ ସମୟରେ ପରେ କୋଲାବ ବିଦ୍ୟୁତ୍ କେନ୍ଦ୍ରର ମରାମତି ନିମନ୍ତେ ଉତ୍ପାଦନ ବନ୍ଦ କରାଯାଇଛି ।

# ଏଆର୍ଆଇଙ୍କୁ ମାଡ଼

■ ଅଭିଯୁକ୍ତ ଥାନାରେ ଅଟକ

**ବୋରିଗୁମ୍ମା,୨୬।୧୧(ଡି.ଏନ୍.ଏ.)**

ବୋରିଗୁମ୍ମା ତହସିଲ ଅଫିସ ଆଗରେ କାର୍ଯ୍ୟରତ ଏଆର୍ଆଇ ନାରାୟଣ ଗୋଲରୀଙ୍କୁ ସୋମବାର ଜଣେ ବ୍ୟକ୍ତି ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୋରିଗୁମ୍ମା କେନ୍ଦୁଗୁଡ଼ା ଗ୍ରାମର ସନସାଇ ହରିଜନ(୫୦)। ଆକ୍ରମଣର କାରଣ ଏବେସୁଦ୍ଧା ଜଣାପଡି ନ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଥାନାରେ ଅଟକ ରଖିଛନ୍ତି।

ପ୍ରକାଶ ଯେ, ସୋମବାର ବୋରିଗୁମ୍ମା ତହସିଲ ଅଫିସରେ ଝୁଜାରୀ ଏଆର୍ଆଇ ନାରାୟଣ ଓ ଅଭିଯୁକ୍ତ ସନସାଇ ମଧ୍ୟରେ କୌଣସି କାରଣରୁ ଝଗଡ଼ା ଆରମ୍ଭ ହୋଇଥିଲା। ପରେ ସନସାଇ ଉତ୍ତ୍ୟକ୍ତ ହୋଇ ନାରାୟଣଙ୍କୁ ମାଡ଼ ମାରିଥିଲେ। ନାରାୟଣ ଏଥିରୁ ବର୍ଞ୍ଚିବା ପାଇଁ ଦୌଡୁଥିଲେ ମଧ୍ୟ ସନସାଇ ତାଙ୍କୁ ଗୋଡାଇ ଗୋଡାଇ ପିଟି ଥିଲେ। ନାରାୟଣ ତହସିଲଦାର ପ୍ରଣୟ ରଞ୍ଜନ ବେହେରାଙ୍କ କାର୍ଯ୍ୟାଳୟକୁ ପ୍ରାଣ ବିକଳରେ ପଶିଯାଇଥିଲେ। କିନ୍ତୁ ସନସାଇ ତହସିଲଦାରଙ୍କ ସମ୍ମୁଖରେ ମଧ୍ୟ ଏଆର୍ଆଇଙ୍କୁ ପିଟି ଚାଲିଥିଲେ। ତହସିଲଦାର ଓ ଅନ୍ୟ କର୍ମଚାରୀ ସନସାଇଙ୍କୁ କାବୁ କରିଥିଲେ। ତହସିଲଦାରଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଥାନାରେ ଅଟକ ରଖିଛି। ଏଆର୍ଆଇଙ୍କ ଏତଲା କ୍ରମେ ବୋରିଗୁମ୍ମା ଥାନାରେ ୨୧୧/୧୮ରେ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆକ୍ରମଣର କାରଣ ଜଣାପଡି ନାହିଁ।



ଭତ୍ତା ପାଇବାରୁ ବଞ୍ଚିତ ୮ ହିତାଧିକାରୀ।

# ୮ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ

**ସେମିଳିଗୁଡ଼ା,୨୬।୧୧ (ସ୍ୱ.ପ୍ର.)**

ସେମିଳିଗୁଡ଼ା ବ୍ଲକ୍ ଖୁଡୀ ଗ୍ରାମପଞ୍ଚାୟତ ଦୁର୍ଗାଗୁଡ଼ା ଗ୍ରାମରେ ୮ ଜଣ ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗତ ୨୪ ତାରିଖରେ ଉକ୍ତ ଗ୍ରାମକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଉଷା ପାଢ଼ୀଙ୍କ ଗସ୍ତ ସମୟରେ ଏହି ହିତାଧିକାରୀମାନେ ତାଙ୍କୁ ଏ ସମ୍ପର୍କରେ ଜଣାଇଥା'ନ୍ତେ। କିନ୍ତୁ ତାଙ୍କର ଏହି ଗସ୍ତ ବାତିଲ ହୋଇଯାଇଥିବାରୁ ସେମାନେ ନିରାଶ ହୋଇଥିବା କହିଛନ୍ତି। କାମ୍ଭୁ ଗୁଣ୍ଟା(୬୫), ଲକ୍ଷ୍ମୀ ଗୁଣ୍ଟା, ମୋତି ଗୁଣ୍ଟା(୭୦), ଦିରିମ ହନ୍ତାଳ(୭୦), ପାଲୁସୁ ଖରା(୬୫), ମାଙ୍ଗେ ଗୁଣ୍ଟା(୭୦), ଟାରେ ଖରା(୪୫) ପ୍ରମୁଖ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଖୁଡୀ ପଞ୍ଚାୟତର ପିଓ ଏମ୍ ଗୋବିନ୍ଦ ରାଓଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଆଧାର କାର୍ଡ ଏବଂ ଆକାଉଣ୍ଟରେ ତାଳମେଳ ନ ହେବାରୁ ସେମାନେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷେ ଭତ୍ତା ଦେବାରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

### 'ଶାଶୁ ନୁହେଁ ମା'ଟିଏ' ପୁସ୍ତକ ଉନ୍ମୋଚିତ

**ଜୟପୁର,୨୬।୧୧ (ଡି.ଏନ୍.ଏ./ନି.ପ୍ର.):**

ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂଜ୍ୟପୂଜା ସଂସଦ ଏବଂ ତରୁଣ ପ୍ରଜ୍ଞା ଭାରତୀର ମିଳିତ ପ୍ରୟାସରେ ମାସିକ ଆସର 'ସାହିତ୍ୟ ଟୁଙ୍ଗି' ଅନୁଷ୍ଠିତ ହୋଇଛି। ଏଥିରେ ପତଞ୍ଜଳି ଯୋଗ ପ୍ରଶିକ୍ଷିକା ଜାନକୀ ପାଣିଗ୍ରାହୀଙ୍କ ପୁସ୍ତକ 'ଶାଶୁ ନୁହେଁ ମା'ଟିଏ' ଉନ୍ମୋଚିତ ହୋଇଥିଲା। ଜୟପୁର ମହାରାଜାଙ୍କ ରାଜପଣ୍ଡିତ ବିଦ୍ୟାଭୂଷଣ ରାମନାଥ ନନ୍ଦଙ୍କ ଶ୍ରାଦ୍ଧ ଦିବସ ଅବସରରେ ହୋଇଥିବା ଏହି ଆସରରେ ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ ଅଧକ୍ଷତା କରିଥିଲେ। ପୁସ୍ତକର ସମୀକ୍ଷା କରିଥିଲେ ରାଜ୍ୟ ସାହିତ୍ୟ ପରିଷଦ ପୂର୍ବତନ ସଦସ୍ୟ ସୁବାସ ଚନ୍ଦ୍ର ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ଡ. ସୁରେଶ ଦାଶ, ସଂସଦ ସଂପାଦକ ତପନ କିରଣ ତ୍ରିପାଠୀ, ପଣ୍ଡିତ ଗୀତା ପ୍ରକାଶ ମିଶ୍ର, କବିତା ସାହୁ, ଭାଗ୍ୟଲତା ପାଣିଗ୍ରାହୀ, ସନ୍ତୋଷ ସାହୁ, ଭାବଗ୍ରାହୀ ଦେବୀ, ଅଶୋକ ପଲେଇ, ପ୍ରମୋଦ ରାଉଳ, ଅଶୋକ ମହାରଣା, ଶଙ୍କର ପ୍ରହରାଜ, ଅନସୂୟା ସାମନ୍ତରା, ସରସ୍ୱତୀ ସାହୁ ଉପସ୍ଥିତ ଥିଲେ।

# ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭାଜପାର ଦାବିପତ୍ର

**ଜୟପୁର,୨୬।୧୧(ଡି.ଏନ.ଏ/ନି.ପ୍ର.)**

ଜୟପୁର ମଣ୍ଡଳ ଭାଜପା ସଭାପତି ଅମରଲାଲ ଆହୁଜାଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ସ୍ଥାନୀୟ ପୌରସଂସ୍ଥାରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଶେଷ କରିଥିବା ହିତାଧିକାରୀଙ୍କୁ ପ୍ରାପ୍ୟ ଟଙ୍କା ତୁରନ୍ତ ପ୍ରଦାନ କରିବା। ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରତ୍ୟେକ ହିତାଧିକାରୀଙ୍କ ଘରକୁ ଯାଇ ପ୍ରଦାନ । ସୌଭାଗ୍ୟ ଯୋଜନାରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବା । ସହରର ବିଭିନ୍ନ ଗଳି ଓ ସାହିର ଖୁଣ୍ଟରେ ଏଲ୍ଇଡି ବିଦ୍ୟୁତ୍ ଲାଇଟ ଲଗାଇବା । ଜଗନ୍ନାଥ ସାଗର ସଫେଇ କାର୍ଯ୍ୟ ତ୍ୱରାନ୍ୱିତ କରିବା ପ୍ରଭୃତି ଦାବି କରାଯାଇଛି । ଏହି ଦାବିପତ୍ର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଦେବେନ୍ଦ୍ର ବାହିନୀପତି, ବୈଦ୍ୟନାଥ ମିଶ୍ର, ଏ. ଦୁର୍ଗା ପ୍ରସାଦ, ଶୁଭେନ୍ଦୁ ବ୍ରହ୍ମା, ମଧୁ ହିଆଲ, ଗୌର ଦାଶ, ଶେଖର ପଟ୍ଟନାୟକ, ନବୀନ ଜୈନ, ଭବାନୀ ମିଶ୍ର, ବିଷ୍ଣୁ ରେଡ୍ଡି, ସୀତାକାନ୍ତ ପ୍ରଧାନ, ଟି. ବେଗ, ରାଧେଶ୍ୟାମ ପରିଡା, ପି. ନବୀନ ସାମିଲ ଥିଲେ ।

# ସୁରକ୍ଷା ଦାବି କଲେ କାର୍ଯ୍ୟରତ ଖବରଦାତା

■ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର



ଖବରଦାତାମାନେ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

**ବୋରିଗୁମ୍ମା,୨୬।୧୧(ଡି.ଏନ୍.ଏ.)**

ଖବରଦାତାଙ୍କ ଉପରେ ବଢୁଥିବା ଆକ୍ରମଣ ଓ ଦୁର୍ବ୍ୟବହାର ପ୍ରତିବାଦରେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ ସୋମବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ପ୍ରଣୟ ରଞ୍ଜନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ଖବରଦାତାଙ୍କୁ ହତ୍ୟା ଧମକ, ଆକ୍ରମଣ ସହ ଖବର ସଂଗ୍ରହ ବେଳେ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି। ଏହାକୁ ଗଣମାଧ୍ୟମର କଣ୍ଠରୋଧ ବୋଲି କହି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।



ପୂର୍ବତନ ଏମ୍ପି ପ୍ରଦୀପ ମାଝି ଓ ସ୍ଥାନୀୟ ଯୁବକମାନେ ଧାରଣାରେ ବସିଛନ୍ତି।

■ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ଦାବି

# ଜିଲା ଯୁବକ ସଂଘର ଗଣଧାରଣା

**ବୋରିଗୁମ୍ମା,୨୬।୧୧(ଡି.ଏନ୍.ଏ.)**

ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ଦାବିରେ ସୋମବାର ଜିଲା ଯୁବକ ସଂଘ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣାରେ ବସିଛି। ବୋରିଗୁମ୍ମା ବ୍ଲକକୁ ସରକାର ବିଭିନ୍ନ ସମୟରେ ଅଣଦେଖା କରୁଛନ୍ତି। ବୋରିଗୁମ୍ମାକୁ ଏନ୍ଏସି ମାନ୍ୟତା, ଉଚ୍ଚ ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବାରେ ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ଯୁବକ ସଂଘ ଜିଲା ଆବାହକ ରବୀନ୍ଦ୍ର ମହାପାତ୍ର, ବୋରିଗୁମ୍ମା ଆବାହକ ତ୍ରିନାଥ ଘାସିଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବକମାନେ ଧାରଣାରେ ବସିଛନ୍ତି। ନବରଙ୍ଗପୁର ପୂର୍ବତନ ଏମ୍ପି ପ୍ରଦୀପ ମାଝି ଧାରଣାସ୍ଥଳରେ ପହଞ୍ଚି ଦାବିକୁ ସମର୍ଥନ ଜଣାଇଛନ୍ତି।

# ଆଦର୍ଶ ଥାନା ଉଦ୍ଘାଟିତ

■ ଭିଡିଓ କନ୍ଫରେନ୍ସିଂରେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ସେମିଳିଗୁଡା, ୨୬।୧୧(ସ୍ୱ.ପ୍ର.):**

ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ଜରିଆରେ କୋରାପୁଟ ଜିଲା ସେମିଳିଗୁଡା ଆଦର୍ଶ ଥାନାର ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅତିରିକ୍ତ ମହା ନିର୍ଦ୍ଦେଶକ ପ୍ରାଣବନ୍ଧୁ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସାମାଜିକ କର୍ମୀ ବୁଦାନ କର୍ମୀ, ଜିଲା ଯୋଜନା କମିଟି ଅଧକ୍ଷା ଶ୍ରୀ କୃଷ୍ଣ ସିଂ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ଏସ୍ପି କନ୍ୱର ବିଶାଲ ସିଂ, ଏଏସ୍ପି ଭିଆର୍ ରାଓ, ଏସ୍ଡିପିଓ ନିରଞ୍ଜନ ବେହେରା, ସୁନାବେଡା ଥାନା ଆଇଆଇସି ମମତା ପାଣିଗ୍ରାହୀ, ଦାମନଯୋଡି ଥାନା ଆଇଆଇସି ସହଦେବ ମହାପାତ୍ର, ପଟାଙ୍ଗୀ ଥାନାଧିକାରୀ କରୁଣାକର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଭବିଷ୍ୟତରେ ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ଯୋଜନା ଲାଗୁ କରାଯିବ ବୋଲି ଏହି ଅବସରରେ ଏସ୍ପି ସୂଚନା ଦେଇଛନ୍ତି। ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ପିଡି ଦେବେନ୍ ପ୍ରଧାନ, ଏମ୍ପି ପ୍ରତିନିଧି ପ୍ରବାତ ସୂତାର, ପୌର ଅଧକ୍ଷା ଶୁଭଶ୍ରୀ ମଲ୍ଲିକ, ପିତାଗୁଡା ସରପଞ୍ଚ ଗୀତା ଚପଡ଼ି ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ, ମା' ଘର ସଂଘ, ବିଜୁ ଯୁବ ବାହିନୀ, କଲେଜ ଅଧାପିକା ଅଧାପକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏହି ଅବସରରେ ଉପସ୍ଥିତ ଥିଲେ। ସେମିଳିଗୁଡା ଆଇଆଇସି ସମ୍ବିଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏଏସ୍ପି ଭିଆର୍ ରାଓ ଧନ୍ୟବାଦ ଦେଇଥିଲେ।



ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ୩୬ ଅଭିଯୋଗ ଶୁଣିଲେ ଜିଲାପାଳ

**ବୈପାରୀଗୁଡା, ୨୬।୧୧ (ଡି.ଏନ୍.ଏ):**

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ୩୬ଟି ଅଭିଯୋଗର ଶୁଣାଣି କରିଛନ୍ତି। ସ୍ଥାନୀୟ ସରପଞ୍ଚ ଭାଗିରଥି ମୁର୍ଜିଆଙ୍କ ନେତୃତ୍ୱରେ ବୈପାରୀଗୁଡାବାସୀ ଜାତୀୟ ରାଜପଥ ନିର୍ମାଣ କାମ ଓ ପୂର୍ତ୍ତବିଭାଗ ଦ୍ୱାରା ଚାଲୁଥିବା ଗୌଡସାହି ରାସ୍ତା କାମ ମନ୍ଥରତା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାସ୍ତା ଖୋଳାରେ ନଷ୍ଟ ହୋଇପଡିଥିବା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ, ମହୁଲି ଓ ମୁଣ୍ଡାଗୁଡାରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ପୋଲକୁ ହଟାଇ ନୂତନ ପୋଲ ନିର୍ମାଣ ଆଦି ସେମାନେ ଦାବି କରିଥିଲେ। ଗୁପ୍ତେଶ୍ୱର ସରପଞ୍ଚ ବଳରାମ ଖିଲଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଜୟପୁର ଦେବୋତ୍ତର ବିଭାଗରୁ ଗୁପ୍ତେଶ୍ୱର ମନ୍ଦିର ପରିଚାଳନା ଦାୟିତ୍ୱ କାଢିନିଆଯାଇ ବୈପାରୀଗୁଡା ତହସିଲଦାରଙ୍କୁ ଦାୟିତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ। ଗୁପ୍ତେଶ୍ୱର ପୀଠର ବିକାଶ ପାଇଁ ବିଦ୍ୟୁତ୍ ସେବା, ରାସ୍ତାଘାଟ ଓ ପରିମଳ ବ୍ୟବସ୍ଥା ସୁଧାରିବାକୁ ପ୍ରସ୍ତାବ ଦିଆଯାଇଛି। ଚିପାକୁର ଅଞ୍ଚଳବାସୀ ସେଠାରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବାକୁ ଦାବି ଜଣାଇଥିଲେ। ରାମଗିରୀରୁ ଭାଲୁଗୁଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ତୁରନ୍ତ ଶେଷ କରିବାକୁ ଭାଲୁଗୁଡା ଗ୍ରାମବାସୀ ଅଭିଯୋଗ କରିଥିଲେ।

■ ଗାଁରେ ପଶି ପାରିଲାନି ଆମ୍ବୁଲାନ୍ସ

# ୧୦କି.ମି. ଭାରରେ ବୁହା ହୋଇଗଲେ ରୋଗୀ

**ଦଶମନ୍ତପୁର, ୨୬।୧୧(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତ ଅଧୀନସ୍ଥ ବିରିଘାଟ ଗ୍ରାମର ଜଣେ ରୋଗୀ ଗାଁକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଦୀର୍ଘ ୧୦କିମି ଦୂର ବୁହା ହୋଇ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରୋଗୀଙ୍କ ନାମ ହେଲା ଦୈମଣି ଦିଶାରୀ (୨୮) । ତାଙ୍କ ସ୍ୱାମୀ ଅଭି ଦିଶାରୀଙ୍କ କହିବା ଅନୁସାରେ ସେ ଦୀର୍ଘଦିନ ହେଲା ଅଜଣା ରୋଗରେ ପୀଡିତ ଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଫୁଲିଯାଉଥିଲା। ଗାଁର ଚେରମୂଳି ଔଷଧ ସାଙ୍ଗକୁ ଦିଶାରୀମାନଙ୍କ ଦ୍ୱାରା ଝଡ଼ାଫୁଙ୍କା ହୋଇଥିଲା । ହେଲେ ମଧ୍ୟ ତାଙ୍କ ସ୍ତ୍ରୀର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତ ଆସ ନ ଥିଲା । ଡାକ୍ତରଖାନାକୁ ଯିବା ଲାଗି ଅର୍ଥ ବାଧକ ଥିବାବେଳେ ଗାଡ଼ିରେ ରୋଗୀ ନେବା ଲାଗି ରାସ୍ତାର ସମସ୍ୟା ରହିଛି। ଗାଁକୁ ଆମ୍ବୁଲାନ୍ସ ଗାଡି ମଧ୍ୟ ଆସିପାରୁ ନାହିଁ । ତେଣୁ ସୋମବାର ଦୈମଣିଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭାରରେ ବୋହି ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେବଳ ଏହି ଗୋଟିଏ ଗ୍ରାମର ରୋଗୀ ଏଭଳି ଭାରରେ ଯିବା ନୂଆ କଥା ନୁହେଁ । ଏଭଳି ୫ ଖଣ୍ଡ ଗ୍ରାମର ଗୁରୁତର ରୋଗୀ ଏବଂ ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ଭାର ସାହାଯ୍ୟରେ ଡାକ୍ତରଖାନା ନିଆଯାଉଛି ବୋଲି ଅଭିଯୋଗ ହୋଇଛି ।



ଜଣେ ରୋଗୀଙ୍କୁ ଭାରରେ ନେବା ପାଇଁ ପ୍ରସ୍ତୁତି ଚାଲିଛି।

# ନବରଙ୍ଗପୁରରେ ଖୋଲିଲା ଭିଜିଲାନ୍ସ ସର୍କିଟ କୋର୍ଟ

**ପ୍ରଥମ ଦିନରେ ୩ ମାମଲାର ସାକ୍ଷ୍ୟ ଗ୍ରହଣ**



ଭିଜିଲାନ୍ସ ସର୍କିଟ କୋର୍ଟ ଉଦଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର,୨୬।୧୧(ବି.ପ୍ର)

ହାଇକୋର୍ଟଙ୍କ ଆଦେଶ କ୍ରମେ ନବରଙ୍ଗପୁର ଜିଲା ଜଜ କୋର୍ଟ ପରିସରରେ ସୋମବାର ଭିଜିଲାନ୍ସ ସର୍କିଟ କୋର୍ଟ ଖୋଲିଛି । ଜିଲା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି ପରିପ୍ରେକ୍ଷିରେ ଆୟୋଜିତ ସଭାରେ ଜିଲା ଆଇନଜୀବୀ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ ଅଧ୍ୟକ୍ଷତା କରି ସଭା ପରିଚାଳନା କରିଥିଲେ । ସଂଘର ସମ୍ପାଦକ ରାମ ପ୍ରସାଦ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଠାରେ ଭିଜିଲାନ୍ସ ସର୍କିଟ କୋର୍ଟ ହେବା ଦ୍ୱାରା ସଂଘର ଦୀର୍ଘଦିନର ଦାବୀ ଆଂଶିକ ସଫଳ ହୋଇଥିବା କହିଥିଲେ। ସମ୍ପୂର୍ଣ୍ଣ ଅଦାଲତ ସ୍ଥାପନ ହେବା ପର୍ଯ୍ୟନ୍ତ ସଂଘର ଦାବୀ ବଳବତ୍ତର ରହିବ ବୋଲି କହିଥିଲେ । ମୁଖ୍ୟ ଅତିଥି ଜିଲା ଜଜ୍ ପାଣିଗ୍ରାହୀ ଆଇନଜୀବୀ ସଂଘର ଦାବୀ ଆଂଶିକ ଭାବେ ସଫଳ ହୋଇଥିଲେ ମଧ୍ୟ ପରବର୍ତ୍ତି ସମୟରେ ସମ୍ପୂର୍ଣ୍ଣ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଜିଲାରେ ବିଭିନ୍ନ କାର୍ଯ୍ୟାଳୟରେ ଦୁର୍ନୀତୀ ଚାଲୁଥିବା ବେଳେ ଏଥିପ୍ରତି ଭିଜିଲାନ୍ସ ବିଭାଗ ଜନସଚେତନତା କରିବାକୁ କହିଥିଲେ । ଦୁର୍ନୀତି କାରଣରୁ ଲୋକଙ୍କ ଆଖିରୁ ଲୁହ ଝରୁଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଭିଜିଲାନ୍ସ ଅଦାଲତର ବିଚାରପତି ସମଶେଖର ଜେନା ଏହି ଜିଲାରେ ପୂର୍ବରୁ ସିଜେଏମ ଭାବେ କାର୍ଯ୍ୟ କରୁଥିଲେ । ବର୍ତ୍ତମାନ ଭିଜିଲାନ୍ସ ସର୍କିଟ କୋର୍ଟରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାରୁ ସେ ଖୁସି ପ୍ରକଟ କରିଥିଲେ । ଅନ୍ୟାନ୍ୟ ଅଦାଲତ ଠାରୁ ଭିଜିଲାନ୍ସ ଅଦାଲତ ଅଲଗା ହୋଇଥିଲେ ହେଁ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରଣା କରାଯାଉଥିବା କହିଥିଲେ । ବରିଷ୍ଠ ଆଇନଜୀବୀ ପ୍ରକାଶ ଚନ୍ଦ୍ର ମିଶ୍ର, ସରକାରୀ ଓକିଲ ଏନ. ଅହମ୍ମଦ, ସମରେଶ ଗନ୍ତାୟତ, ରାଜ୍ୟ ଆଇନଜୀବୀ ସଂଘର ସଦସ୍ୟ ବିଷ୍ଣୁ ପାତ୍ର ପ୍ରମୁଖ ଆଗାମୀ ଦିନରେ ଏହା ପୂର୍ଣ୍ଣାଙ୍ଗ ଅଦାଲତ ହେବା ନେଇ ଦାବୀ କରିଥିଲେ । ଜୟପୁର ଭିଜିଲାନ୍ସ ଏସପି ହରେକୃଷ୍ଣ ବେହେରା ଯୋଗ ଦେଇ ଏହି ଭିଜିଲାନ୍ସ ସର୍କିଟ କୋର୍ଟକୁ ତାଙ୍କ ବିଭାଗ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଜେ ବେଣୁଧର ପାତ୍ର, ପରିବାର ଅଦାଲତ ବିଚାରପତି ବିକ୍ରମ ପ୍ରଧାନ, ସିଜେଏମ ରାଜ କିଶୋର ମହାପାତ୍ର ମଞ୍ଚାସୀନ ଥିଲେ । ରେଜିଷ୍ଟ୍ରାର ମନରଂଜନ ଦାଶ, ସବ ଜଜ୍ ଚୌଧୁରୀ ପ୍ରବୀର କୁମାର, ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଜେମଏଫସି ଗୁରୁଚରଣ ଜେନାମଣି, ଓକିଲ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ । ସଂଘର ଉପସଭାପତି ହରିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ନବରଙ୍ଗପୁର ଜିଲାର ୪୩ଟି ମାମଲା ସର୍କିଟ କୋର୍ଟକୁ ସ୍ଥାନାନ୍ତର ହୋଇଛି। ଭିଜିଲାନ୍ସ ସର୍କିଟ ଅଦାଲତର ପ୍ରଥମ ଦିବସରେ ୫ଟି ମାମଲା ମଧ୍ୟରୁ ୩ଟି ମାମଲାର ସାକ୍ଷ୍ୟ ଗ୍ରହଣ ହୋଇଥିଲା ବୋଲି ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏମ. ବାଲାଜୀ ରାଓ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଅଦାଲତରେ କଳାହାଣ୍ଡି ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦ, ନବରଙ୍ଗପୁର ଡିଏସପି ପ୍ରମୋଦ କୁମାର ବାଗ, ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ଟାକ୍ରୀ, ଦିନବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ପଦଯାତ୍ରାରେ ବାହାରିଥିବା ଭାଜପା କର୍ମକର୍ତ୍ତାମାନେ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

ଡାବୁଗାଁ, ୨୬।୧୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଭାଜପା ପକ୍ଷରୁ ସୋମବାର ଜନ ପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଛି । ଏଥିରେ ଭାଜପା କର୍ମୀ ମାନେ ଡାବୁଗାଁ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଡ଼ଙ୍ଗରିଗୁଡା ପଞ୍ଚାୟତ ଅଧୀନ ବୋରିପଦର ଗ୍ରାମରୁ ପରାମର୍ଶ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ପରାମର୍ଶ ପଦଯାତ୍ରା ୧୫ ଦିନ ଧରି ଚାଲିବ। ଏହି ପଦଯାତ୍ରାରେ ଲୋକଙ୍କ ଠାରୁ ପରାମର୍ଶ ନିଆଯାଇ କେନ୍ଦ୍ରର ନେତୃବୃନ୍ଦଙ୍କୁ ଅବଗତ କରାଯିବ। ଏହି ପଦଯାତ୍ରାରେ ଭାଜପା ଜିଲା ଉପସଭାପତି ଜୟନ୍ତ କୁମାର ପାତ୍ର, ଡାବୁଗାଁ ମଣ୍ଡଳ ସଭାପତି ରାଜଶେଖର ରାଓ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ମନୋରମା ନାୟକ, ଜିଲା ସମ୍ପାଦକ ଦିବାନ ସିଂ, ନରେଶ ସିଂ, ଭୀମସେନ ଜେନା, ବିଶ୍ୱରଞ୍ଜନ ପାତ୍ର, ଲକ୍ଷ୍ମୀଧର ନାୟକ, ରତନ କଲାର, ରାଇସିଙ୍ଗ କଲାର, ଭେଙ୍କେଟ ରାଓ ଓ ବହୁ ଭାଜପା କର୍ମୀମାନେ ଯୋଗ ଦେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାପଡାହାଣ୍ଡି/ଡାବୁଗାଁ ୨୬।୧୧ (ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସୁକୁଲି ଜଙ୍ଗଲରୁ ପୋଲିସ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଛି । ମୃତ ଯୁବକ ଜଣକ ହେଲେ ମହେନ୍ଦ୍ରୀ ଗ୍ରାମର ତ୍ରିଲୋଚନ ପାଣିଗ୍ରାଣୀ । ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ସ୍ଥାନୀୟ ଲୋକ ମୃତଦେହ ଦେଖି ଖବର ଦେବା ପରେ ଡାବୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଏ ନେଇ ମୃତ ଯୁବକଙ୍କ ବାପା ଥାନାରେ ଏତଲା ଦେଇଛନ୍ତି।

## ସଂକ୍ଷେପରେ

### ଅଭିଯୋଗ ଶୁଣାଣି ଶିବିର

କୋଷାଗୁମୁଡା, ୨୬।୧୧ (ଡି.ଏନ.ଏ) ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ମହକୁମାରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରକଳ୍ପ ଅଧିକାରୀ ରମାକାନ୍ତ ନାୟକ ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ । ଅଧିକାଂଶ ଅଭିଯୋଗ ଆବାସ ଯୋଜନା ପ୍ରାପ୍ୟ ପାଇବାରେ ବିଳମ୍ବ, ପିଇଓମାନେ ସଦର ପଞ୍ଚାୟତରେ ରହୁନଥିବା, ଗ୍ରାମରୋଜଗାର ସେବକଙ୍କ ଆନ୍ଦୋଳନ ଯୋଗୁଁ ପଞ୍ଚାୟତରେ ସେବା ପ୍ରଦାନରେ ଅସୁବିଧା ହେବା ଆଦି ବିଷୟରେ ଆଲୋଚନା ହୋଇଥିଲା । ପିଏ ଆଇଟିଡିଏ ଅଣାକାର ଠାକୁର, ଡିଏସଡବ୍ଲୁ ନାରାୟଣ କୁମାର ବେହେରା, ସିଏସଓ ପ୍ରଶାନ୍ତ ବେବର୍ତ୍ତା, ଡିଡବ୍ଲୁଓ ପବିତ୍ର ମୋହନ ପ୍ରଧାନ, ସିଡିଏମଓ ସରୋଜ କୁମାର ନାୟକ, ବିଡିଓ ଅଜୟ କୁମାର ପ୍ରଧାନ ସହ ବହୁ ଅଧିକାରୀ ଶିବିରିରେ ଉପସ୍ଥିତ ଥିଲେ ।

### ଡାବୁଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ପହଞ୍ଚିଲା ଏଲଇଡି ବଲ୍‌ବ

ଡାବୁଗାଁ, ୨୬।୧୧ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଏଲଇଡି ବଲ୍‌ବ ପହଞ୍ଚିଛି। ଏଲିଡ ଯୋଜନାରେ ସାଉଥକୋ ତରଫରୁ ଡାବୁଗାଁ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରେ ଏଲଇଡି ବଲ୍‌ବ ହିତାଧିକାରୀଙ୍କୁ ବଣ୍ଟନ ନିମନ୍ତେ ଯୋଗାଇ ଦିଆଯାଇଛି। ଏଥିରେ ସମସ୍ତ ରାଶନ କାର୍ଡ ହିତାଧିକାରୀଙ୍କୁ ୨ ଟି ଲେଖାଏଁ ଏଲଇଡି ବଲ୍‌ବ ବଣ୍ଟନ କରାଯିବ। ଏନେଇ ଡାବୁଗାଁ ସାଉଥକୋ ତରଫରୁ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଏଲଇଡି ବଲ୍‌ବ ଯୋଗାଇ ଦିଆଯାଇଛି ବୋଲି ଡାବୁଗାଁ ସାଉଥକୋ କନିଷ୍ଠ ଯନ୍ତ୍ରୀ କର୍ମଜିତ ଦାସ ସୂଚନା ଦେଇଛନ୍ତି । ଡାବୁଗାଁ ବ୍ଲକ ର ୧୨ଟି ପଞ୍ଚାୟତ ପାଇଁ ୬ ହଜାର ଏଲଇଡି ବଲ୍‌ବ ଯୋଗାଇ ଦିଆଯାଇଛି।

### ଟ୍ରକ ଓଲଟି ୮ ଗୁରୁତର

କୋରାପୁଟ,୨୬।୧୧(ସ୍ୱ.ପ୍ର.) -କୋରାପୁଟ ଟାଉନ ଥାନା ଅନ୍ତର୍ଗତ ମାନବାର ଛକଠାରେ ଏକ ପନିପରିବା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏଥିରେ ୮ ଜଣ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ କୋଟପାଡ଼ ଅଞ୍ଚଳର ଧନପତି ହରିଜନ, ଗୁରୁବାରି ପୂଜାରୀ, ପାର୍ବତୀ ଭତ୍ରା, ପ୍ରତିମା ଦିସାରି,ରଜମା ଚାଲାଣ, ଡାଆସି ଭତ୍ରା , ପଟ୍ଟାଙ୍ଗି ବ୍ଲକର ସୋମନାଥ ହନ୍ତାଳ, ଓ ନବରଙ୍ଗପୁର ଜିଲାର ହମାଇ ହରିଜନ । ସେମାନଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି । ଟ୍ରକଟି କୁନ୍ଦୁଲି ହାଟରୁ ପନିପରିବା ନେଇ ରାଣିଗୁଡ଼ା ଦେଇ କୋଟପାଡ଼ ବ୍ଲକ୍‌ର ବାସଲ ଗ୍ରାମ ଅଭିମୁଖେ ଯାଉଥିଲା ।

### ସନ୍ଥ ଦୁର୍ଗାଚରଣଙ୍କ ଜୟନ୍ତୀ

ନବରଙ୍ଗପୁର,୨୬।୧୧(ବି.ପ୍ର.)- ନିଗମାନନ୍ଦଙ୍କ ପଞ୍ଚ ଶିଶ୍ୟ ସନ୍ଥ ଦୁର୍ଗାଚରଣଙ୍କ ୧୦୬ ତମ ଜୟନ୍ତୀ ସ୍ଥାନୀୟ ନିଗମାନନ୍ଦ ଆଶ୍ରମ ଠାରେ ପାଳିତ ହୋଇ ଯାଇଛି । ନିଗମାନନ୍ଦ ଦର୍ଶନର ଅନ୍ୟତମ ବ୍ୟାଖ୍ୟାକାର ଓ ୪୦ଖଣ୍ଡ ପୁସ୍ତକର ପ୍ରଣୟିତା ସାହିତ୍ୟ ଏକାଡେମୀର ସଦସ୍ୟ , ନିଗମ ଦର୍ଶନର ପ୍ରଚାରକ ପାଇଁ ସତାତନ ଧର୍ମର ପୂର୍ଣ୍ଣ ପ୍ରତିଷ୍ଠା ଓ ଶିବ ଜ୍ଞାନର ଜୀବ ସେବାର ଭାବକୁ ପ୍ରଚାର କରିବାରେ ସନ୍ଥ ଦୁର୍ଗାଚରଣଙ୍କ ଅବଦାନ ଏବଂ ଭୂମିକା ଉପରେ ଆଲୋଚନା ହୋଇଥିଲା । ନିଗମାନନ୍ଦ ଆଶ୍ରମର ସଭାପତି ତଥା ସାହିତ୍ୟିକ ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ ଯୋଗ ଦେଇଥିଲେ। ଓକିଲ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ସତ୍ୟବାଦୀ ଷଡଙ୍ଗୀ, ନରେନ୍ଦ୍ର କୁମାର ପାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏନେଇ ଜାଗରଣ, ପ୍ରତୀକ୍ଷା, ଆରତୀ, ସ୍ତୋତ୍ର ପାଠୋ, କରାଯିବା ସହ ନାରାୟଣ ସେବା ସହ ୬୧ ଜଣଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ବହିଦାର, ଚକ୍ରେଶ ଜୈନ, ଗୋପବନ୍ଧୁ ବିଷୋୟୀ, ଜଗଦିଶ ଚନ୍ଦ୍ର ପାଣ୍ଡ୍ର, ପ୍ରଫୁଲ୍ଲ ପଣ୍ଡା, ରାମନାଥ ବେହେରା, ନଟାରୀ ଉମାଶଙ୍କର ତ୍ରିପାଠୀ, ପ୍ରଧାନ ଆଚାର୍ଯ୍ୟ ରବିଶଙ୍କର ସାହୁ, ନିତ୍ୟାନନଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଦର୍ଶ ଥାନାରେ ପରିବର୍ତ୍ତନ ହେଲା ନବରଙ୍ଗପୁର ଥାନା



ଆଦର୍ଶ ଥାନାକୁ ଏସପି, ବିଧାୟକ ଉଦଘାଟନ କରୁଛନ୍ତି।

ନବରଙ୍ଗପୁର,୨୬।୧୧(ବି.ପ୍ର.)

ନବରଙ୍ଗପୁର ଥାନାକୁ ଆଦର୍ଶ ଥାନା ଭାବେ ପରିବର୍ତ୍ତନ କରାଯାଇଛି । ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଥାନାକୁ ଆଦର୍ଶ ଥାନା ଭାବେ ଘୋଷଣା କରିଛନ୍ତି। ଏହା ପରେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀ ଥାନାକୁ ଉଦଘାଟନ କରିଥିଲେ । ଏସପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ କରୁଣାକର ରାଇକା, ଡିଏଫଓ ରଂଜିତ କୁମାର ମଲ୍ଲିକ, ସିଡିଏମଓ ସରୋଜ କୁମାର ନାୟକ, ବିଏସଏଫ କମାଣ୍ଡାଣ୍ଟ ବି. ଶର୍ମା, ସେକେଣ୍ଡ ଇନ କମାଣ୍ଡ ଗୌରବ ସିଂ , ଏସ.ଏନ .ମହାତାବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଥାନାରେ ମହିଳା ଓ ଶିଶୁ ଡେସ୍କ ସହ ସ୍ୱତନ୍ତ୍ର ଆନୁସାଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସପି ଶର୍ମା ଆଦର୍ଶ ଥାନା ସମ୍ପର୍କରେ ଅବଗତ କରାଇଥିଲେ । ଡିଏସପି ବିମଳ କାନ୍ତ ବ୍ରହ୍ମା ଆଦର୍ଶ ଥାନା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଥାନାରେ ଆଧୁନିକ ଜିମ, ସମ୍ମିଳନୀ କକ୍ଷ, ଅଭ୍ୟର୍ଥନା କକ୍ଷ୍ୟ, ମହିଳା ଓ ଶିଶୁ ବିଭାଗ, କ୍ରୀଡା ବ୍ୟବସ୍ଥା ଆଦି ରହିଥିବା ସ୍ଲାଇଡ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ସିଏଚ. ହୃଦାନନ୍ଦ, ପାପଡାହାଣ୍ଡି ଏସଡିପିଓ ବିଜୟ କୁମାର ନାୟକ, ନବରଙ୍ଗପୁର ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ, ନନ୍ଦାହାଣ୍ଡି ବିଡିଓ, ଜିଲା ଆଇନଜୀବୀ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର ସମେତ ବହୁ ବରିଷ୍ଠ ନାଗରିକ, ଆଇନଜୀବୀ, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସ୍ୱର୍ଗତ ଲଳିତମୋହନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ନବରଙ୍ଗପୁର, ୨୬।୧୧–

ସ୍ଥାନୀୟ ଦଶହରାପଦାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସ୍ୱର୍ଗତ ଲଳିତମୋହନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ସମର୍ପଣ ମଣ୍ଡଳର ୫ଟି ଜିଲାର ପ୍ରମୁଖ ମାତୃପ୍ରେମୀମାନଙ୍କ ଗହଣରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀନୀଳମାଧବ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସୁରେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଗଣେଶ ପ୍ରସାଦ, ପ୍ରଶାନ୍ତ କୁମାର ସ୍ୱାଇଁ, ମଧୁସୂଦନ ସାହୁ, ସୁରେନ୍ଦ୍ର କୁମାର ଦାସ, ସନ୍ତୋଷ କୁମାର ଗାହାଣ, ସଚ୍ଚିଦାନନ୍ଦ ରଥ, ବିନୋଦ ଦାସ, ତାରିଣୀ ଚରଣ ପତି, କୃଷ୍ଣଚନ୍ଦ୍ର ଘଡେଇ, ଟଙ୍କଧର ବେହେରା, ସୁଧିରାଜ ରାଉତ, ରତିକାନ୍ତ ଦୁବେ, ଉର୍ମିଳା ମହାପାତ୍ର, ନିତ୍ୟାନନ୍ଦ ମହାନ୍ତି, କେଦାରେଶ୍ୱର ପଣ୍ଡା, ଦିଲୀପ କୁମାର ଓଝା, ରମାକାନ୍ତ ଜେନା, ଅଭିମନ୍ୟୁ ଦାସ, ଗୋପୀଚାନ୍ଦ ବାଗ୍, ନବକିଶୋର ପଣ୍ଡା, ମିନକେତନ ସାହୁ ପ୍ରମୁଖ ସ୍ୱର୍ଗତ ଲଳିତମୋହନ ପଟ୍ଟନାୟକ, ରୀନାରାଣୀ ନାୟକ, ନିରଞ୍ଜନ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ । ସମର୍ପଣ ମଣ୍ଡଳର ଭବିଷ୍ୟତ କାର୍ଯ୍ୟକ୍ରମର ରୂପାୟନ ତଥା ଦିବ୍ୟ ସୁରଭି ପତ୍ରିକାର ଉତ୍ତରୋତ୍ତର ଉନ୍ନତି ଦିଗରେ ସଂକଳ୍ପ ନିଆଯାଇଥିଲା। ମଣ୍ଡଳସ୍ତରୀୟ ଏକ କମିଟି ଗଠିତ ହୋଇଥିଲା। ସତ୍ୟନାରାୟଣ ଷଡଙ୍ଗୀ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଚନ୍ଦନ ଭୂମିଆ, ଅଜୟ କୁମାର ସାହୁ, ସଙ୍ଗୀତା ପଟ୍ଟନାୟକ, ସବିତା ପଟ୍ଟନାୟକ, ସୁଜାତା ମିଶ୍ର, ଆରତି ସ୍ୱାଇଁ, ଡି. କ୍ରିଷ୍ଣା, ରବିକାନ୍ତ ରଘୁରାମ, ସିଏଚ ଉଷାରାଣୀ, ଉମା ମହେଶ୍ୱର ପଟ୍ଟନାୟକ, ପଦ୍ମାବତୀ ବିଶୋୟୀ, ଅଜିତଙ୍କ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ କର୍ମକର୍ତ୍ତାଏବଂ ପାଠଚକ୍ର ସଦସ୍ୟସଦସ୍ୟା ସକ୍ରିୟ ସହଯୋଗ କରିଥିଲେ। ସୌମ୍ୟ ଓ ଶୁଭଶ୍ରୀ ସହଯୋଗ କରିଥିଲେ।

## ୧୧ ଦାଦନ ଶ୍ରମିକ ଉଦ୍ଧାର

ପାପଡାହାଣ୍ଡି,୨୬।୧୧(ଡି.ଏନ.ଏ)



ଉଦ୍ଧାର ହୋଇଥିବା ଶ୍ରମିକମାନେ ।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡେଙ୍ଗାଗୁଡା ପଞ୍ଚାୟତ ଭଣ୍ଡିଆ ଗ୍ରାମରୁ ସମ୍ବଲପୁର ଗୋଶାଳା ଗ୍ରାମକୁ ଦାଦନ ଖଟିବାକୁ ଯାଉଥିବା ୧୧ଜଣ ଶ୍ରମିକଙ୍କୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ଏଥିସହ ଶ୍ରମିକମାନଙ୍କୁ ସାଥୀରେ ଧରି ଯାଉଥିବା ଗୋପାଳ ପଟେଲଙ୍କୁ ଜିଲା ଶ୍ରମବିଭାଗ ଆଗରେ ହାଜିର କରାଇଛି । ମଙ୍ଗଳବାର ଶ୍ରମିକଙ୍କ ଉପସ୍ଥିତିରେ ତାଙ୍କୁ କାଉନସିଲିଂ କରାଯିବ ବୋଲି ପିଏଲଭି ସଭ୍ୟ ରାଜ କିଶୋର ରାଓ ସୂଚନା ଦେଇଛନ୍ତି । ଭଣ୍ଡିଆ ଗ୍ରାମର ପଦମ ହରିଜନ, ବୈଜିନ୍ତ ହରିଜନ, ଘାସିନି ଧାକଡ, କମଳା ହରିଜନ, ଡମଣି ଭତ୍ରା, କମଳି ଭତ୍ରା, ଲଚ୍ଛମା ହରିଜନ, ବିଲୋସି ଭତ୍ରା, ନିଲା ଭତ୍ରା, ଦ୍ରୁପଦା ହରିଜନ, ବିଶ୍ୱ ହରିଜନଙ୍କୁ ସାଥୀରେ ଧରି ଗୋପାଳ ରବିବାର ବିଳମ୍ବିତ ରାତିରେ ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିବା ସମୟରେ ପୋଲିସ ହାତରେ ଧରାପଡିଥିଲେ । ପରେ ସମସ୍ତଙ୍କୁ ଥାନାକୁ ନିଆଯାଇଥିଲା । ଗୋପାଳଙ୍କୁ ରଖାଯିବା ସହ ସମସ୍ତ ଦାଦନ ଶ୍ରମିକଙ୍କୁ ଘରକୁ ପଠାଯାଇଥିଲା । ସୋମବାର ପିଏଲଭି ସଭ୍ୟ ରାଜକିଶୋର ରାଓ ଗୋପାଳଙ୍କୁ ଧରି ଜିଲା ଶ୍ରମବିଭାଗ ଆଗରେ ହାଜର କରିଥିଲେ । ଶ୍ରମ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଦାଦନ ଶ୍ରମିକଙ୍କ ଉପସ୍ଥିତିରେ ଗୋପାଳଙ୍କୁ କାଉନସିଲିଂ କରାଯିବ ବୋଲି ସୂଚନା ମିଳିଛି । ସଚେତନ ଅଭାବରୁ ବ୍ଲକରେ କାମ ଧନ୍ଦା ଥିବା ସତ୍ତ୍ୱେ ଏଠାକାର ନିରିହ ଆଦିବାସୀ ମାନେ ଦଲାଲ ମାନଙ୍କ ପ୍ରଲୋଭନର ଶିକାର ହୋଇ ବାହାର ରାଜ୍ୟ ଯାଇ ନୟାନ୍ତ ହେଉଥିବା ଦେଖିବାକୁ ମିଳିଛି । ଗତ କିଛି ଦିନ ତଳେ ଅଞ୍ଚଳର ଦାଦନ ଶ୍ରମିକମାନେ ଆନ୍ଧ୍ର କାମ କରିବାକୁ ଯାଇ ସେଠାରେ ୨ ମାସ କାମ କରିଥିଲେ ସୁଦ୍ଧା ସେମାନଙ୍କ ପ୍ରାପ୍ୟକୁ ନେଇଥିବା ଦଲାଲ ନେଇ ଯାଇଥିବାରୁ ସେମାନେ ବହୁ ଅସୁବିଧାରେ ଘରକୁ ଫେରି ଶ୍ରମ ବିଭାଗକୁ ଜମାଇଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କ ପ୍ରାପ୍ୟ ମିଳିନଥିବା ବେଳେ ପୁଣି ଏକ ଘଟଣା ଶ୍ରମବିଭାଗ କ'ଣ କରିବ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ନବରଙ୍ଗପୁର,୨୬।୧୧(ବି.ପ୍ର.)

ନବରଙ୍ଗପୁର ଜିଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦ ପକ୍ଷରୁ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲାରେ ବସବାସ କରୁଥିବା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟା ଉପରେ ଏଥିରେ ଦର୍ଶାଯାଇଛି। ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ପ୍ରତ୍ୟେକ ବ୍ଲକ ମାନଙ୍କରେ ଆବାସିକ ବିଦ୍ୟାଳୟ ନିର୍ମାଣ, ଜିଲାରେ ପରିଷଦ ନିମନ୍ତେ ଜିଲା କାର୍ଯ୍ୟାଳୟ, ପ୍ରତ୍ୟେକ ଗାଁରେ ପ୍ରାର୍ଥନା ଗୃହ ଓ ପୁନଃଉଦ୍ଧାର, କବରସ୍ଥାନ ଓ ପ୍ରାର୍ଥନା ଗୃହର ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଜଣାଇଛନ୍ତି । ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ଧନ ଓ ଜୀବନର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଓ ଅନ୍ୟାନ୍ୟ ବିଷୟ ଉପରେ ଦାବୀପତ୍ର ପ୍ରଦାନ କରି ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ । ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଲୋକଙ୍କ ବିଭିନ୍ନ ସମସ୍ୟା ଗୁଡିକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଇବା ପାଇଁ ଆସନ୍ତା ୧୭ ତାରିଖରେ ପରିଷଦର ପ୍ରମୁଖ ବ୍ୟକ୍ତି ବିଶେଷକଙ୍କ ସହ ଭୁବନେଶ୍ୱର ଯିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ପରିଷଦର ଜିଲା ସଭାପତି ସୁଧିର ପାତ୍ର , ଜିଲା ସମ୍ପାଦକ ଗୌରବ କୌରୀ, ଜିଲା କୋଷାଧ୍ୟକ୍ଷ ରେଭ ଜୁଝେଶ୍ୱର ନାୟକ, ମିଡିଆ ସଂଯୋଜକ ଦୟାନିଧି ସୁନା, ନନ୍ଦାହାଣ୍ଡି ବ୍ଲକ ସଭାପତି ଦିବ୍ୟଦାନ ସୁନା, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ଜୀବନ ଟାକ୍ରୀ, ନବରଙ୍ଗପୁର ବ୍ଲକ ସଭାପତି ଦେବେନ୍ଦ୍ର କଟିମ, ନବରଙ୍ଗପୁର ପୌର ପରିଷଦର ସଭାପତି ଅନିଲ ଦିନବନ୍ଧୁ, ଉପଦେଷ୍ଟା ଥବତି ଛିଞ୍ଚାଣୀ, ଅନାଦି କର, ପ୍ରମୋଦ କୁମାର ନାଗ ସୁଶାନ୍ତ ଗରଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରାମ୍ୟ ବିକାଶ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର



ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି ।

ନବରଙ୍ଗପୁର,୨୬।୧୧(ବି.ପ୍ର. )

ସ୍ଥାନୀୟ ଗ୍ରାମ୍ୟ ବିକାଶ ସଙ୍ଗଠନର ୨୫ ତମ ସ୍ୱନକ୍ଷତ୍ର ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ ସମସ୍ତ କର୍ମଚାରୀ, ପରିଚାଳନା କମିଟିର ସଭ୍ୟା ସଭ୍ୟ ମାନେ ୪୧ ୟୁନିଟ ରକ୍ତ ଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ବାବା ଭୈରବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଡଙ୍ଗରୀଗୁଡା ଦଳ ବିଜୟୀ

ଡାବୁଗାଁ, ୨୬।୧୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ନୂଆଗୁଡା ଗ୍ରାମ ସ୍ଥିତ ମିନି ଷ୍ଟାଡିୟମ ଠାରେ ବାବା ଭୈରବ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଉଦଯାପନ ଦିବସରେ ଡାବୁଗାଁ ଓ ଡ଼ଙ୍ଗରିଗୁଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଡ଼ଙ୍ଗରିଗୁଡା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା । ଡାବୁଗାଁ ଦଳ ୧୨୦ ରନ ଲକ୍ଷ୍ୟ ରଖି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୦୫ ରନ ସଂଗ୍ରହ କରି ଥିଲା। ଡ଼ଙ୍ଗରିଗୁଡା ଦଳ ୧୪ ରନରେ ବିଜୟୀ ହୋଇଥିଲା। ଏଥିରେ ମ୍ୟାନ ଅଫ ଦି ମ୍ୟାଚ ଶ୍ରୀକାନ୍ତ କୁମାର ପଣ୍ଡା , ମ୍ୟାନ ଅଫ ଦି ସିରିଜ ବବଲୁ ତ୍ରିପାଠୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇ ବିଜୟୀ ଡ଼ଙ୍ଗରିଗୁଡା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ପରାଜିତ ଡାବୁଗାଁ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।



ମନ୍ତ୍ରୀଙ୍କ ଠାରୁ ବିଜୟୀ ଦଳ ପୁରସ୍କାର ଗ୍ରହଣ କରୁଛନ୍ତି।

ଏହି ଟୁର୍ନାମେଣ୍ଟରେ ସୁଚାରୁ ରୂପେ ଖେଳ ପରିଚାଳନା କରିଥିବା ଆମ୍ପାୟାର ବିକାଶ ରଞ୍ଜନ ନିଶଙ୍କ, ନାନୁ ପାଣିଗ୍ରାହୀ ଓ ବିଶ୍ୱଜିତ ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉଦଯାପନୀ ଉତ୍ସବରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ , ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା , ଏମପି ପ୍ରତିନିଧି ଏମ୍.ଆପ୍ପା ରାଓ , କାର୍ଯ୍ୟକାରିଣୀ ସଭ୍ୟ ଜି . ସାମଲ ରାଓ , ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଶୋଇ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର , ବ୍ଲକ ବିଜେଡି ଯୁବ ସଭାପତି ଟି. ଜୁଗୁନୁ ବାବୁ ପ୍ରମୁଖ ଯୋଗଦେଇଥିଲେ । ଏହି ବାବା ଭୈରବ କ୍ରିକେଟ ଟୁର୍ନାମେଣ୍ଟ କମିଟିର କର୍ମକର୍ତ୍ତା ସୁଶାନ୍ତ ମିଞ୍ଜ , ମୀନ ବେହେରା , କମଲ କୁମାର , ଚିଣ୍ଟୁ ପାତ୍ର , କୁନୁ ପାତ୍ର, ସନ୍ତୋଷ ପାତ୍ର, ମଣ୍ଟୁ ଗୌଡ ଓ ଅନ୍ୟମାନେ ପରିଚାଳାନା କରିଥିଲେ ।

# ପୌରସଂସ୍ଥାର ଅବହେଳା : ଦୁଇ ବ୍ୟବସାୟୀ ଗୋଷ୍ଠୀ ମୁହାଁମୁହିଁ

**ଜୟପୁର,୨୬।୧୧(ଡି.ଏନ.ଏ )–** ଜୟପୁର ସହରର ଦ୍ୱିତୀୟ ଦୈନିକ ବଜାର ପନିପରିବା ବିକ୍ରେତା ଏବଂ ରାଜନଅର ଛକର ପନିପରିବା ବିକ୍ରେତାଙ୍କ ମଧ୍ୟରେ ମହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଏବଂ ପନିପରିବା ଫିଙ୍ଗାଫିଙ୍ଗି ହୋଇଛନ୍ତି। କେତେକ ବ୍ୟବସାୟୀଙ୍କ ପରିବା ମଧ ନଷ୍ଟ ହୋଇଛି। ସୋମବାର ପୂର୍ବାହ୍ନ ୯ ଟାରେ ରାଜନଅର ଛକଠାରେ ଏପରି ଘଟିଛି। ଏଥିପାଇଁ ବ୍ୟବସାୟୀମାନେ ପୌରସଂସ୍ଥାକୁ ଦାୟି କରିଛନ୍ତି। ବିଦ୍ୟାଧର ସିଂଦେଓ ଦୈନିକ ବଜାରର ମାଛ ଓ ମାଂସ ବଜାର ଦ୍ୱିତୀୟ ଦୈନିକ ବଜାରକୁ ସ୍ଥାନାନ୍ତର ହୋଇଥିଲା। ସେହିପର ରାଜନଅର ଛକଠାରୁ ସୌରାସାହି ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ପାର୍ଶ୍ୱରେ ବସୁଥିବା ପନିପିରବା ବ୍ୟବସାୟୀଙ୍କୁ ଉକ୍ତ ଦୈନିକ ବଜାରକୁ ସ୍ଥାନାନ୍ତର କରାଯାଇଥିଲା। ଆଖପାଖ ଗ୍ରାମାଞ୍ଚଳର ପନିପରିବା ବ୍ୟବସାୟୀମାନେ ଦୈନିକ ବଜାର ସମ୍ମୁଖ ରାସ୍ତା ପାର୍ଶ୍ୱରେ ବସିବା ସହିତ ପନିପରିବା ବିକ୍ରି କରୁଥିଲେ । କିନ୍ତୁ ପୌରସଂସ୍ଥା ପକ୍ଷରୁ ୨ ଦୈନିକ ବଜାର ଭିତରେ ପିଣ୍ଡି ନିର୍ମାଣ କରାଯାଇ ସ୍ଥାନୀୟ ପନିପରିବା ବ୍ୟବସାୟୀଙ୍କୁ ଦୋକାନ ନିମନ୍ତେ ଜାଗା ପ୍ରଦାନ କରିଥିଲେ । ସମ୍ମୁଖ ରାସ୍ତାପାର୍ଶ୍ୱରେ ବସୁଥିବା ପନିପରିବା ବ୍ୟବସାୟୀଙ୍କୁ ସେଠାରୁ ଉଠାଯାଇଥିଲା । ଗ୍ରାମାଞ୍ଚଳରୁ ଆସୁଥିବା ପନିପରିବା ବ୍ୟବାସାୟୀମାନଙ୍କୁ ଜାଗା ଅଭାବ ଯୋଗୁଁ ସେମାନ ପୁଣିଥରେ ରାଜନଅର ଛକକୁ ରାସ୍ତା ପାର୍ଶ୍ୱରେ ବିକ୍ରି କରିବାକୁ ଚାଲି ଆସିଥିଲେ । ଏଥିନେଇ ଦ୍ୱିତୀୟ ଦୈନକ ବଜାରର ବ୍ୟବସାୟୀମାନେ ପୌରସଂସ୍ଥା ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ । କିନ୍ତୁ ସେମାନଙ୍କ ଦାବି ଶୁଣିବାରେ ପୌରସଂସ୍ଥା ବିଫଳ ହୋଇଥିଲା। ଏଥିପାଇଁ ଉଭୟ ଗୋଷ୍ଠୀ ବ୍ୟବସାୟୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।




# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ଜୟପୁର,୨୬।୧୧(ଡି.ଏନ.ଏ)** ଜୟପୁର ସଦରଥାନା ପାତ୍ରପୁଟ ଗ୍ରାମଠାରେ ୩୨୬ ନମ୍ବର ଜାତୀୟ ରାଜପଥରେ ଜଣେ ମହିଳା ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ସେ ସ୍ୱାମୀଙ୍କ ସହିତ ବାଇକ୍‌ରେ ଯାଉଥିବା ସମୟରେ ଏକ ହମ୍ପସ୍‌ରେ ଖସିପଡି ଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ମୁମୂର୍ଷ ଅବସ୍ଥାରେ ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ମୃତକ ମହିଳା ହେଲେ ମାଲକାନଗିରି ଜିଲା ସଦର ମହକୁମା ତଳସାହିର ପୂର୍ଣ୍ଣଚନ୍ଦ୍ର ଡାକୁଆଙ୍କ ପତ୍ନୀ ଯାଜ୍ଞସେନି ଡାକୁଆ (୪୨) । ମୃତଦେହ ବ୍ୟବଚ୍ଛେଦ ପରେ ସ୍ୱାମୀଙ୍କୁ ହସ୍ତାନ୍ତର କରିଛନ୍ତି ବୋଲି ଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।








ପ୍ରାଚୁର୍ଯ୍ୟରେ ଥିଲାବେଳେ ହିଁ ଜଣାପଡ଼ିବ ଲୋକଟି କିଭଳି ଖରାପ।
-ଜନ୍ କାସ୍‌ପର୍ ଲାଭାଟର



## ସଂକ୍ଷେପରେ




### ଜଙ୍ଗଲ ଜମି ପଟ୍ଟା ନେଇ ଦାବିପତ୍ର

ଗୁଣପୁର, ୨୬।୧୧(ଡି.ଏନ.ଏ): ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନେଇ ରାୟଗଡା ଜିଲା ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ଫୁଲପଟି ଗ୍ରାମବାସୀ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୋମବାର ଆସିଷ୍ଟାଣ୍ଟ କଲେକ୍ଟର ରିନା ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ସେମାନେ ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରିଛନ୍ତି। ଏନେଇ ସମସ୍ତ ପ୍ରକ୍ରିୟା ମଧ ସରିଛି। ତଥାପି ସେମାନଙ୍କୁ ପଟ୍ଟା ପ୍ରଦାନରେ ବିଳମ୍ବ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏନେଇ କୌଣସି ପଦକ୍ଷେପ କରା ନ ଗଲେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ଆଇନ ଦିବସ ପାଳିତ




ଗୁଣପୁର,୨୬।୧୧(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ସିଭିଲ କୋର୍ଟର ଭିଡିଓ କନଫରେନ୍ସିଂ ହଲଠାରେ ସୋମବାର ସନ୍ଧ୍ୟାରେ ଆଇନ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବାସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହାର ଅଧକ୍ଷ ତଥା ଏଡିଜେ ନିଶିଥ ନିଶଙ୍କ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧରେ ସବଜଜ୍ ସତ୍ୟନାରାୟଣ କର, ଏସଡିଜେଏମ ବିଭୁଦତ୍ତ ନାୟକ, ବରିଷ୍ଠ ଆଇନଜୀବୀ ଏସ.ଗଣପତି ରାଓ ଅତିଥି ଭାବେ ଯୋଗ ଦେଇଥିଲେ। ୧୯୪୯ ନଭେମ୍ବର ୨୬ ତାରିଖରେ ଆଇନର ଖସଡା ତଥା ସମ୍ବିଧାନର ଆଇନ ପ୍ରସ୍ତୁତ କରାଯାଇଥିଲା। ଏହି ଦିବସର ସ୍ମରଣାର୍ଥେ ସମ୍ବିଧାନ ତଥା ଆଇନ ଦିବସ ଭାବେ ପାଳନ କରାଯାଉଥିବା ଅତିଥିମାନେ କହିଥିଲେ।

### ଏସ୍‌ଭିଏମ୍, ଡିପିଏସ୍‌ରେ ଏନ୍‌ସିସି ଦିବସ

ଦାମନଯୋଡି, ୨୬।୧୧(ଡି.ଏନ୍.ଏ.): ନାଲକୋ ଟାଉନସିପ ସରସ୍ୱତୀ ବିଦ୍ୟାମନ୍ଦିର (ଏସ୍‌ଭିଏମ୍)ରେ ଏନସିସି ଦିବସ ପାଳିତ ହୋଇଯାଇଛି। କ୍ୟାଡେଟମାନେ ପରେଡ କରିବା ସହ ବିଦ୍ୟାଳୟ ଓ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଶପଥ ନେଇ ଏହାକୁ ସଫା କରିଥିଲେ। ଏନ୍‌ସିସି ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ କରାଯାଇଥିଲା। ସେହିପରି ଦିଲୀ ପବ୍ଲିକ ସ୍କୁଲ(ଡିପିଏସ୍)ରେ କ୍ୟାଡେଟମାନେ ଡ୍ରଗ ଓ କ୍ୟାନସର ରୋଗ ବିରୋଧରେ ସଚେତନତା ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। କ୍ୟାଡେଟମାନେ ମଧ ବୃକ୍ଷରୋପଣ କରିଥିଲେ। ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ତତ୍ତ୍ୱାବଧାନ ଓ ଏନସିସି ସେକେଣ୍ଡ ଅଫିସର ଅନିଲ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### 'ଶାଶୁ ନୁହେଁ ମା'ଟିଏ' ପୁସ୍ତକ ଉନ୍ମୋଚିତ

ଜୟପୁର,୨୬।୧୧ (ଡି.ଏନ୍.ଏ./ନି.ପ୍ର.): ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂଜ୍ୟପୂଜା ସଂସଦ ଏବଂ ତରୁଣ ପ୍ରଜ୍ଞା ଭାରତୀର ମିଳିତ ପ୍ରୟାସରେ ମାସିକ ଆସର 'ସାହିତ୍ୟ ଟୁର୍ଙ୍ଗି' ଅନୁଷ୍ଠିତ ହୋଇଛି। ଏଥିରେ ପତଞ୍ଜଳି ଯୋଗ ପ୍ରଶିକ୍ଷିକା ଜାନକୀ ପାଣିଗ୍ରାହୀଙ୍କ ପୁସ୍ତକ 'ଶାଶୁ ନୁହେଁ ମା'ଟିଏ' ଉନ୍ମୋଚିତ ହୋଇଥିଲା। ଜୟପୁର ମହାରାଜାଙ୍କ ରାଜପଣ୍ଡିତ ବିଦ୍ୟାଭୂଷଣ ରାମନାଥ ନନ୍ଦଙ୍କ ଶ୍ରାଦ୍ଧ ଦିବସ ଅବସରରେ ହୋଇଥିବା ଏହି ଆସରରେ ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ ଅଧକ୍ଷତା କରିଥିଲେ। ପୁସ୍ତକର ସମୀକ୍ଷା କରିଥିଲେ ରାଜ୍ୟ ସାହିତ୍ୟ ପରିଷଦ ପୂର୍ବତନ ସଦସ୍ୟ ସୁବାସ ଚନ୍ଦ୍ର ମିଶ୍ର। ଅନ୍ୟମାନଙ୍କ ମଧରେ ଡ. ସୁରେଶ ଦାଶ, ସଂସଦ ସଂପାଦକ ତପନ କିରଣ ତ୍ରିପାଠୀ, ପଣ୍ଡିତ ଗୀତା ପ୍ରକାଶ ମିଶ୍ର, କବିତା ସାହୁ, ଭାଗ୍ୟଲତା ପାଣିଗ୍ରାହୀ, ସନ୍ତୋଷ ସାହୁ, ଭାବଗ୍ରାହୀ ଦେବୀ, ଅଶୋକ ପଲେଇ, ପ୍ରମୋଦ ରାଉଳ, ଅଶୋକ ମହାରଣା, ଶଙ୍କର ପ୍ରହରାଜ, ଅନସୂୟା ସାମନ୍ତରା, ସରସ୍ୱତୀ ସାହୁ ଉପସ୍ଥିତ ଥିଲେ।

# ପାଣି ପାଇଁ ବିଡିଓଙ୍କୁ ଜଣାଇଲେ ଗ୍ରାମବାସୀ

ରାୟଗଡା ଅଫିସ୍, ୨୬।୧୧


ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରାୟଗଡା ବ୍ଲକ୍ ଗୁମ୍ମା ପଞ୍ଚାୟତରେ ରହିଛି ରାଇକଣା ଗ୍ରାମ। ଏଠାରେ ୧୦୦ ପରିବାରରେ ୫୦୦ ଲୋକ ବସବାସ କରୁଛନ୍ତି। ଏତେ ଲୋକଙ୍କୁ ଗ୍ରାମରେ ରହିଛି ମାତ୍ର ଗୋଟିଏ ନଳକୂପ। ଯେଉଁଥିରୁ ଆବଶ୍ୟକ ପାଣି ବାହାରୁନାହିଁ। ଫଳରେ ଗ୍ରାମବାସୀ ପାଣି ପାଇଁ ବହୁ ଅସୁବିଧା ଭୋଗୁଛନ୍ତି । ବାରମ୍ବାର ଏନେଇ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷେ ସୋଲାର ପାଇପ୍ ପାଇଁ ପଞ୍ଚାୟତରେ ଟଙ୍କା ପୈଠ କରିଛୁ। ହେଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇ ନାହିଁ। ତେଣୁ ବାଧ୍ୟ ହୋଇ ଏନେଇ ବିଡ଼ିଓଙ୍କୁ ଜଣାଇବାକୁ ଆସିଛୁ ବୋଲି କହିଛନ୍ତି ଗ୍ରାମବାସୀ । ସୋମବାର ବିଡିଓଙ୍କୁ ଭେଟି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଆଉ ନଳକୂପ ବସାଇବା ସହ ସୋଲାର ପାଇପ୍ ବ୍ୟବସ୍ଥା କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ରବି ମହାନନ୍ଦିଆ, ମାଧବ ଡଙ୍ଗରୀ, ବାବୁଲା, ଭାଗୀରଥି ବିଡିକା, ମଧୁ ମହାନନ୍ଦିଆ, ନରେନ୍ଦ୍ର ଭତ୍ରା, କର୍ଣ୍ଣ କୌଶଲ୍ୟା, ସୁନୀଲ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ।

# ୭୨ ଅଭିଯୋଗ ଶୁଣିଲେ ଜିଲାପାଳ

କଲ୍ୟାଣସିଂହପୁର, ୨୬।୧୧(ଡି.ଏନ.ଏ)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସଦର ମହକୁମା ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୁହା ପୁନମ ତାପସ କୁମାର ଯୋଗ ଦେଇ ୭୨ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରୁ ୨୧ଟି ସାମାଜିକଭିତ୍ତିକ ଥିବା ବେଳେ ୫୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସେସବୁର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ୧୮ ଜଣଙ୍କୁ ଭତ୍ତା ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣରେ ୧୨ ଜଣଙ୍କୁ ୨୦୦୦ ଟଙ୍କା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଶୁଣାଣିରେ ଉପଜିଲାପାଳ ପ୍ରବୀନ ନାୟକ,ଏଡ଼ିଏମ ଲକ୍ଷ୍ମୀନାରାୟଣ ପୃଷ୍ଟିଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ଜଣେ ଗୁରୁତର

ରାୟଗଡା ଅଫିସ୍, ୨୬।୧୧

ରାୟଗଡା ସହରସ୍ଥିତ କୋରାପୁଟ ଛକଠାରେ ସୋମବାର ଟ୍ରକ୍ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ କାଶୀପୁର ବ୍ଲକ୍ କୁଚେଇପଦର ପଞ୍ଚାୟତ ବିଲାପଟ ଗ୍ରାମର ସଦନ କୁମାର । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର ରାଜୁ ସାହୁଙ୍କୁ ଅଟକ ରଖିଛି। ସଦନ ଚାଲି ଚାଲି ରାସ୍ତା ପାର୍ଶ୍ୱରେ ଯାଉଥିବା ବେଳେ ଏକ ଟ୍ରକ୍ (ନମ୍ବର ଓଡି.୧୭.ଜି-୭୧୭୪) ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ରାୟଗଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଗୁଣପୁର ଥାନା ହେଲା ଆଦର୍ଶ ଥାନା

ଗୁଣପୁର,୨୬।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଥାନାକୁ ଆଦର୍ଶ ଥାନାର ମାନ୍ୟତା ମିଳିଛି । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରଠାରେ ଏହାକୁ ଲୋକାର୍ପଣ କରିବା ପରେ ଗୁଣପୁର ଥାନାରେ ମଧ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଜିଲାପାଳ ଗୁହା ପୁନମ ତାପସ କୁମାର, ଏସପି ରାହୁଲ ପିଆର, ବିଧାୟକ ତ୍ରିନାଥ ଗମାଙ୍ଗ, ଗୁଣପୁର ଉପଜିଲାପାଳ ବି.ଏସ.ବଳିରାମ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗୁଣପୁର ଏସଡିପିଓ ଅଶ୍ୱିନି ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ପୋଲିସ ଏବଂ ଲୋକଙ୍କ ମଧରେ କିପରି ଉତ୍ତମ ସମ୍ପର୍କ ରହିବ, ଅପରାଧ କିପରି କମିବ ଆଦି ବିଷୟରେ ଆଲୋଚନା ହୋଇଥିଲା । ଆଦର୍ଶ ଥାନା ହେବା ଦ୍ୱାରା ଲୋକମାନଙ୍କୁ ପୋଲିସ ଅଧିକ ସହାୟତା ପ୍ରଦାନ କରିବାରେ ସହାୟକ ହେବ ବୋଲି କହିବା ସହ ଗୋଟିଏ ଗାଡି ଏବଂ ଦୁଇଟି ମୋଟରସାଇକଲେ ପାଟ୍ରୋଲିଂ ପାଇଁ ମିଳିବ ବୋଲି ଏସପି ପ୍ରକାଶ କରିଥିଲେ । ଶିଶୁ ଏବଂ ମହିଳା ସୁରକ୍ଷା ନେଇ ସ୍ୱତନ୍ତ୍ର ଡେସ୍କ ଏଠାରେ ଉପଲବ୍ଧ ରହିଥିବା ମଧ ଏସପି କହିଥିଲେ । ଅତିରିକ୍ତ ଏସପି ପତିତପାବନ ଚୌଧୁରୀ ଯୋଗ ଦେଇଥିଲେ । ବୈଠକରେ ଜିଲା ପରିଷଦ ଅଧକ୍ଷ ପୁରୁଷୋତ୍ତମ ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ, ବରିଷ୍ଠ ନାଗରିକ ତ୍ରିନାଥ ମହାପାତ୍ର, ଡ.ସତ୍ୟ ପ୍ରକାଶ ପଣ୍ଡା, ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ସୂର୍ଯ୍ୟନାରାୟଣ ରଥ, ରସିକରାଜ ପାଢୀ, କୈଳାସ ଦାସ, ଉମାଚରଣ ପଟ୍ଟନାୟକ, ପୂର୍ବତନ ଏନଏସି ଅଧକ୍ଷ ଶିବ ପ୍ରସାଦ ଗୌଡ଼, ବ୍ଲକ ଅଧକ୍ଷା ଦେବକୀ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ପ୍ରେମ ପ୍ରସାଦ ପଣ୍ଡାଙ୍କ ସମେତ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥି।

### କୃଷି, କୃଷକଙ୍କୁ ନେଇ ଆଲୋଚନାଚକ୍ର

କୋରାପୁଟ,୨୬।୧୧(ସ୍ୱ.ପ୍ର.)

କୃଷକର ଆୟ ଦ୍ୱିଗୁଣିତ ହେବା ପାଇଁ କୃଷକ ଓ କୃଷିକ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନକୁ ନେଇ କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ଦୁଇଦିନ ଧରି ଚାଲିଥିବା ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା, ଅଗ୍ରଗାମୀର ନିର୍ଦ୍ଦେଶକ ଅଚ୍ୟୁତ ଦାସ କହିଥିଲେ ଯେ, ଓଡ଼ିଶା ମାଟିରେ କ୍ଷାରୀୟ ସମସ୍ୟା ଜୈବିକ ପଦ୍ଧତି ଦ୍ୱାରା ସମାଧାନ ହୋଇପାରିବ। କୋର୍ଟେସର ପ୍ରାଧ୍ୟାପକ ଜଗବନ୍ଧୁ ସାମଲ କହିଥିଲେ, ଆମେ ଜମିକୁ ବଞ୍ଚାଇଲେ ଜମି ଆମକୁ ବଞ୍ଚାଇବ। କିନ୍ତୁ ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଜମି ଓ ମାଟିର ଯଥେଷ୍ଟ କ୍ଷତି ହେଉଛି। ଆଲୋଚନାଚକ୍ରରେ ଜମି ଜଳ, ଜଙ୍ଗଲର ବ୍ୟବହାରରେ ଅସମାନତା, ବିହନ ସମସ୍ୟା, ରାସାୟନିକ ସାର ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ଓ ପରିବେଶ ସମସ୍ୟା, କୃଷକଙ୍କୁ ଫସଲର ସର୍ବନିମ୍ନ ମୂଲ୍ୟ ନ ମିଳିବା, ଅଭାବି ବିକ୍ରି, ଫସଲର ସଠିକ୍ ପ୍ରକ୍ରିୟାକରଣ ନ ହେବା, ଏହାର ବଜାରିକରଣ, ଶୀତଳ ଭଣ୍ଡାର ବ୍ୟବସ୍ଥା, ଗଭୀର ନଳକୂପ ଓ ଜଳସେଚନ ପ୍ରକଳ୍ପ ବାବଦରେ ଆଲୋକପାତ କରାଯାଇଥିଲା। ଏଥିରେ ଅବିଭକ୍ତ କୋରାପୁଟ ଜିଲା ସମେତ ୧୫ଟି ଜିଲାର କୃଷକ ଯୋଗ ଦେଇଥିଲେ।

# ବେଷ୍ଟ ଏନ୍‌ସିସି ଅଫିସ୍‌ର ପୁରସ୍କାର ପାଇଲେ ରୀତାରାଣୀ


ରୀତାରାଣୀ ମିଶ୍ରଙ୍କୁ ପୁରସ୍କୃତ କରାଯାଉଛି।

ରାୟଗଡା ଅଫିସ୍, ୨୬।୧୧

ଲ୍ୟୁଟନାଣ୍ଟ ରୀତାରାଣୀ ମିଶ୍ର ଡିଫେନ୍ସ ସେକ୍ରେଟାରୀ ଏବଂ ଏନ୍‌ସିସିର ମହାନିର୍ଦ୍ଦେଶକଙ୍କ ଦ୍ୱାରା ବେଷ୍ଟ ଏନ୍‌ସିସି ଅଫିସ୍‌ର ଭାବେ ପୁରସ୍କୃତ ହୋଇଛନ୍ତି । ଗତ ରବିବାର ଏନ୍‌ସିସି ଦିବସ ଅବସରରେ ସେ ରାଜ୍ୟପାଳଙ୍କ ଉପସ୍ଥିତିରେ ଡିଜିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏନ୍‌ସିସିର ବିଭିନ୍ନ ଆକ୍ଟିଭିଟି ସହିତ ସମାଜସେବା କାର୍ଯ୍ୟକ୍ରମ କରିବା ପାଇଁ ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁଷମା ଦାଶ, ଶିକ୍ଷାବିତ୍ ଡା. ଦୁଷ୍ମନ୍ତ କୁମାର ମହାନ୍ତି, ଅଧାପିକା ଡା. ଅର୍ଚ୍ଚନା ପଟ୍ଟନାୟକ, ଅଧାପିକା ଡା. ରେବା ପାତ୍ର ତାଙ୍କୁ ଉତ୍ସାହିତ କରି ଆସୁଥିଲେ। ଯାହାର ଫଳସ୍ୱରୂପ ତାଙ୍କୁ ଏଭଳି ସଫଳତା ପ୍ରାପ୍ତ ହୋଇଛି। ସେଥିପାଇଁ ଅଧକ୍ଷ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏସ୍‌ଏନ୍ ତ୍ରିପାଠୀ, ସଭାପତି ନାଗାବଳୀ ଲାୟନ୍ସ କ୍ଲବ୍ ରୁବିରାଣୀ କୁଣ୍ଟୁ, ସଂସ୍କୃତି ଲେଡିସ୍ କ୍ଲବ୍‌ର ସଦସ୍ୟମାନେ ଲ୍ୟୁଟନାଣ୍ଟ ରୀତାରାଣୀ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଯଯାତି ସାହୁ ସ୍ମୃତି କମିଟି ତରଫରୁ ଶୋଭାଯାତ୍ରା

ପଦ୍ମପୁର,୨୬।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ସ୍ୱର୍ଗତ ଯଯାତି ସାହୁ ସ୍ମୃତି କମିଟି ତରଫରୁ ସୋମବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ବିଜୁ କଲ୍ୟାଣ ମଣ୍ଡପଠାରୁ ବାହାରି ତାଙ୍କ ନିଜ ଗ୍ରାମ ନାଇରାଠାରେ ପହଞ୍ଚିଥିଲା । ସେଠାରେ ସେମାନଙ୍କୁ ଶଙ୍ଖ ଓ ହୁଳହୁଳି ଦେଇ ସ୍ୱାଗତ କରାଯାଇଥିଲା । ପରେ ସ୍ୱର୍ଗତ ଯଯାତି ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ରାୟଗଡା ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ଏମ୍‌ପି ପ୍ରତିନିଧି ଗୋଦାବରୀ ରାଉତ, ରାୟଗଡା ଜିଲା ବିଜେଡି ଯୁବ ଉପସଭାପତି କୈଳାସ କ୍ରାସ୍କା, ପଦ୍ମପୁର ବ୍ଲକ ସଭାପତି ରବି ନାରାୟଣ ଆଚାର୍ଯ୍ୟ, ପଦ୍ମପୁର ବ୍ଲକ ଯୁବ ସଭାପତି ପ୍ରଶାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ଯଯାତି କିଭଳି ପଦ୍ମପୁର ଅଞ୍ଚଳର ବିକାଶ କରି ଲୋକଙ୍କ ଆଦରଣୀୟ ହୋଇପାରିଥିଲେ ସେ ନେଇ ଆଲୋଚନା କରିଥିଲେ । ଏଥିସହ ୨୦୦୨ ନଭେମ୍ବର ୨୬ ତାରିଖରେ ମାଓବାଦୀମାନେ ଗୁଳି କରି ହତ୍ୟା କରିବା ପରଠାରୁ ପ୍ରତିବର୍ଷ ତାଙ୍କ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କର ସ୍ମୃତିଚାରଣ କରାଯାଉଛି । ପରେ କମିଟି ସଦସ୍ୟମାନେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାକ୍ତର ସୌମ୍ୟରଞ୍ଜନ ପତିଙ୍କ ସହାୟତାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧରେ ସୋମନାଥ କୈବର୍ତ୍ତ, ରାମାନନ୍ଦ ସାହୁ, ବାଲାଜୀ ପାଢ଼ୀ, ଯୁଗୋଳ ମାଝି, ସୁବାସ ଶବର, ଖଲି ଜେନାଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।


ସ୍ୱର୍ଗତ ଯଯାତି ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଉଛି।

### ଜିଲା ଯୁବକ ସଂଘର ଗଣଧାରଣା

ବୋରିଗୁମ୍ମା,୨୬।୧୧(ଡି.ଏନ୍.ଏ.)

ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ଦାବିରେ ସୋମବାର ଜିଲା ଯୁବକ ସଂଘ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣାରେ ବସିଛି। ବୋରିଗୁମ୍ମା ବ୍ଲକକୁ ସରକାର ଅଣଦେଖା କରୁଛନ୍ତି। ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା, ଉଚ୍ଚ ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବାରେ ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ଯୁବକ ସଂଘ ଜିଲା ଆବାହକ ରବୀନ୍ଦ୍ର ମହାପାତ୍ର, ବୋରିଗୁମ୍ମା ଆବାହକ ତ୍ରିନାଥ ଘାସିଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବକମାନେ ଧାରଣାରେ ବସିଛନ୍ତି। ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଧାରଣାସ୍ଥଳରେ ପହଞ୍ଚି ଦାବିକୁ ସମର୍ଥନ ଜଣାଇଛନ୍ତି।

# ସ୍ୱତନ୍ତ୍ର ବିକାଶ ପରିଷଦର ବୈଠକ


ବୈଠକରେ ବିଡ଼ିଓଙ୍କ ସହ ଅନ୍ୟମାନେ।

ରାୟଗଡା ଅଫିସ୍, ୨୬।୧୧

ସ୍ୱତନ୍ତ୍ର ବିକାଶ ପରିଷଦର ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ମହୋତ୍ସବ ଆସନ୍ତା ୨୮ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ତେଜସ୍ୱୀ ହୋଟେଲ ସାମ୍ନା ପଡିଆଠାରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ରାୟଗଡା ବ୍ଲକ୍ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡା ବ୍ଲକ ଅଧକ୍ଷ ପେଦେଣ୍ଟି ରାମୁଲୁ ସଭାପତିତ୍ୱ କରିଥିଲେ। ବିଡିଓ ରାଜେନ୍ଦ୍ର ମାଝି ଓ ଏବିଡିଓ ନୃସିଂହଚରଣ ପଟ୍ଟନାୟକ ଯୋଗ ଦେଇ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ । ଏଥିସହ ଜନଜାତି ସଂସ୍କୃତି, ପରମ୍ପରା ଓ ଐତିହର ସୁରକ୍ଷା କରିବା ନିମନ୍ତେ ଆଲୋଚନା କରିଥିଲେ । ରାୟଗଡା ବ୍ଲକ୍‌ରେ ଥିବା ଲୁକ୍କାୟିତ ପ୍ରତିଭାଗୁଡିକୁ ଲୋକଲୋଚନକୁ ଆଣିବା ନିମନ୍ତେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଏହାର ଲକ୍ଷ୍ୟ ବୋଲି କହିଥିଲେ । ଏଥିରେ ରାୟଗଡା ବ୍ଲକ୍‌ର ସ୍ୱତନ୍ତ୍ର ବିକାଶ ପରିଷଦ ସଭ୍ୟ ଭୀମ ହିମିରିକା, ଶଙ୍କର ବିଡିକା, ଲାଛୋ ମାଣ୍ଡାଙ୍ଗୀଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ନିର୍ବାହୀ ଅଧିକାରୀ, ସମ୍ପ୍ରସାରଣ ଅଧିକାରୀମାନେ ଯୋଗ ଦେଇଥିଲେ । ବ୍ଲକ୍‌ର ମଙ୍ଗଳସମ୍ପ୍ରସାରଣ ଅଧିକାରୀ ପଞ୍ଚାନନ ଖଣ୍ଡୁଆଳ ଏହାକୁ ପରିଚାଳନା କରିଥିଲେ।

## ଗାଁରେ ପଶି ପାରିଲାନି ଆମ୍ବୁଲାନ୍ସ

# ୧୦କି.ମି. ଭାରରେ ବୁହା ହେଲେ ରୋଗୀ

ଦଶମନ୍ତପୁର, ୨୬।୧୧(ଡି.ଏନ୍.ଏ.)

 କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତ ଅଧୀନସ୍ଥ ବିରିଘାଟ ଗ୍ରାମର ଜଣେ ରୋଗୀ ଗାଁକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଦୀର୍ଘ ୧୦କିମି ଦୂର ବୁହା ହୋଇ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରୋଗୀଙ୍କ ନାମ ହେଲା ଦୈମଣି ଦିଶାରୀ (୨୮) । ତାଙ୍କ ସ୍ୱାମୀ ଅଭି ଦିଶାରୀଙ୍କ କହିବା ଅନୁସାରେ ସେ ଦୀର୍ଘଦିନ ହେଲା ଅଜଣା ରୋଗରେ ପୀଡିତ ଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଫୁଲିଯାଉଥିଲା। ଗାଁର ଚେରମୂଳି ଔଷଧ ସାଙ୍ଗକୁ ଦିଶାରୀମାନଙ୍କ ଦ୍ୱାରା ଝଡ଼ାଫୁଙ୍କା ହୋଇଥିଲା । ହେଲେ ମଧ ତାଙ୍କ ସ୍ତ୍ରୀର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତ ଆସ ନ ଥିଲା । ଡାକ୍ତରଖାନାକୁ ଯିବା ଲାଗି ଅର୍ଥ ବାଧକ ଥିବାବେଳେ ଗାଡ଼ିରେ ରୋଗୀ ନେବା ଲାଗି ରାସ୍ତାର ସମସ୍ୟା ରହିଛି। ଗାଁକୁ ଆମ୍ବୁଲାନ୍ସ ଗାଡି ମଧ ଆସିପାରୁ ନାହିଁ । ତେଣୁ ସୋମବାର ଦୈମଣିଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭାରରେ ବୋହି ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେବଳ ଏହି ଗୋଟିଏ ଗ୍ରାମର ରୋଗୀ ଏଭଳି ଭାରରେ ଯିବା ନୂଆ କଥା ନୁହେଁ। ଏଭଳି ୫ ଖଣ୍ଡ ଗ୍ରାମର ଗୁରୁତର ରୋଗୀ ଏବଂ ଗର୍ଭବତୀ ମହିଳାମାନଙ୍କୁ ମଧ ଭାର ସାହାଯ୍ୟରେ ଡାକ୍ତରଖାନା ନିଆଯାଉଛି ବୋଲି ଅଭିଯୋଗ ହୋଇଛି।


ଜଣେ ରୋଗୀଙ୍କୁ ଭାରରେ ନେବା ପାଇଁ ପ୍ରସ୍ତୁତି ଚାଲିଛି।

